୨୭ ନଭେମ୍ବର ୨୦୧୨

SAMBAD

ସମ୍ବାଦ

## ଆମ ଜିଲ୍ଲା

# ଶିବା ସିମେଣ୍ଟ କମ୍ପାନୀକୁ ରାଷ୍ଟ୍ରପତି ପୁରସ୍କାର




କୁଚ୍ଡା, ୨୬/୧୧ (ଇମିସ): ଖତକୁରବାହାଲ ଠାରେ ଥିବା ଶିବା ସିମେଣ୍ଟ ଚୂନପଥର ଖଣିରେ ଖଣି ସୁରକ୍ଷା ହେତୁ କମ୍ପାନୀକୁ ଜାତୀୟ ସୁରକ୍ଷା ପୁରସ୍କାର (ଖଣି) ପ୍ରଦାନ କରାଯାଇଛି । ନୂଆ ଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଥିବା ଜାତୀୟ ଖଣି ସୁରକ୍ଷା ପୁରସ୍କାର ସମାରୋହରେ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ କମ୍ପାନୀର ପ୍ରବନ୍ଧକ ବିମଳ କୁମାର ମଙ୍ଗରାଜ ଓ ଖଣି ଶ୍ରମିକ ମଧୁସୂଦନ ସିଂହଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ସମାରୋହରେ ଅନ୍ୟ ମାନଙ୍କ ମଧ୍ୟରେ ଶ୍ରମ ଓ ନିୟୋଜନ ରାଷ୍ଟ୍ରମନ୍ତ୍ରୀ ମଲ୍ଲିକାର୍ଜୁନ ଖାରଗେ ଓ ଶ୍ରମ ନିୟୋଜନ ରାଜ୍ୟ ମନ୍ତ୍ରୀ କେ. ସୁରେଶ ଉପସ୍ଥିତ ଥିଲେ । ପୁରସ୍କାର ପ୍ରାପ୍ତି ପରେ ମଙ୍ଗରାଜ ଶିବା ସିମେଣ୍ଟ ଖଣିର ପରିଚାଳନା ସୁଚାରୁ ରୂପେ ହେଉଥିବା ଏବଂ ସର୍ବୋପରୀ ଭାବରେ ଶ୍ରମିକ ମାନଙ୍କ ସୁରକ୍ଷା ସହିତ ପରିବେଶ ସୁରକ୍ଷା ପ୍ରତି କମ୍ପାନୀ ବିଶେଷ ଧ୍ୟାନ ଦେଉଥିବାରୁ ଏହି ସମ୍ମାନଜନକ ପୁରସ୍କାର ପାଇଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ ।